# NATIONAL NEWS BULLETIN (ODIA)

**29 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାସ୍ଥ୍ୟ କ୍ଷେତ୍ର ସହ ଜଡ଼ିତ ୧୨ ହଜାର ୮୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ବିଭିନ୍ନ ସରକାରୀ ବିଭାଗ ଏବଂ ସଂସ୍ଥା ଗୁଡ଼ିକରେ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କଲେ ପ୍ରଧାନମନ୍ତ୍ରୀ ।

- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ଶୁଭାରମ୍ଭ କଲେ 'ରନ୍ ଫର୍ ୟୁନିଟ' ।

- ଜାମ୍ମୁ କାଶ୍ମୀରର ଅଖନୋର ସେକ୍ଟର ବନାଞ୍ଚଳରେ ସୁରକ୍ଷା ବାହିନୀର ଜବାନମାନଙ୍କ ଗୁଳିରେ ଆଜି ୨ଜଣ ସନ୍ତ୍ରାସବାଦୀ ନିହତ ।

ଏବଂ

- ମହିଳା କ୍ରିକେଟ୍‌ର ତୃତୀୟ ତଥା ଅନ୍ତିମ ଏକଦିବସୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ବ୍ୟାଟିଂ ଆରମ୍ଭ ।

# ପିଏମ୍-ଧନନ୍ତ୍ୱରି ଜୟନ୍ତୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଧନନ୍ତ୍ୱରି ଜୟନ୍ତୀ ଏବଂ ନବମ ଆୟୁର୍ବେଦ ଦିବସ ଅବସରରେ ନୂଆଦିଲ୍ଲୀରେ ସ୍ୱାସ୍ଥ୍ୟ କ୍ଷେତ୍ର ସହ ଜଡ଼ିତ ୧୨ ହଜାର ୮୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ସମ୍ପ୍ରସାରଣ ଆରମ୍ଭ କରିଛନ୍ତି । ଏଥିରେ ଦେଶର ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରୀକଙ୍କୁ ଅନ୍ତର୍ଭୁକ୍ତ କରାଯିବ ।

ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ଆଜି ଏକାଧିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । ସେ ଭାରତର ପ୍ରଥମ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନର ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଘାଟନ କରିଛନ୍ତି । ଏଥିରେ ପଞ୍ଚକର୍ମ ଡାକ୍ତରଖାନା, କ୍ରୀଡ଼ା ଚିକିତ୍ସା ୟୁନିଟ୍, କେନ୍ଦ୍ରୀୟ ପାଠାଗାର, ଆଇ.ଟି. ଏବଂ ଷ୍ଟାର୍ଟଅପ୍ ଇନ୍‌କ୍ୟୁବେସନ୍ କେନ୍ଦ୍ର ଓ ୫୦୦ ଆସନ ବିଶିଷ୍ଟ ଅଡିଟୋରିୟମ୍ ରହିଛି । ଆଜି ମଧ୍ୟ ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶର ମନ୍ଦସୋର ନିମୁଜ୍ ଏବଂ ସିଓଲି ଠାରେ ତିନୋଟି ମେଡିକାଲ୍ କଲେଜ୍‌ର ଉଦ୍‌ଘାଟନ କରିଛନ୍ତି ।

ସେହିଭଳି ହିମାଚଳ ପ୍ରଦେଶର ବିଳାସପୁର, ପଶ୍ଚିମବଙ୍ଗର କଲ୍ୟାଣୀ, ବିହାରର ପାଟନା, ଉତ୍ତର ପ୍ରଦେଶର ଗୋରଖପୁର, ମଧ୍ୟପ୍ରଦେଶର ଭୋପାଳ, ଆସାମର ଗୌହାଟୀ ଏବଂ ନୂଆଦିଲ୍ଲୀସ୍ଥିତ ଏମ୍‌ସ୍‌ଠାରେ ଜନ ଔଷଧି କେନ୍ଦ୍ର ସହିତ ସମ୍ପ୍ରସାରିତ ସେବାର ଶୁଭାରମ୍ଭ କରିଛନ୍ତି ।

ଶ୍ରୀ ମୋଦୀ ମଧ୍ୟପ୍ରଦେଶର ଇନ୍ଦୋର ଠାରେ ଏକ ଇ.ଏସ୍.ଆଇ.ସି. ହସ୍ପିଟାଲର ଉଦ୍‌ଘାଟନ କରିବା ସହ ହରିଆଣାର ଫରିଦାବାଦ୍, କର୍ଣ୍ଣାଟକର ବୋମ୍‌ସାନ୍ଦ୍ରା ଏବଂ ନରସାପୁର, ମଧ୍ୟପ୍ରଦେଶର ଇନ୍ଦୋର, ଉତ୍ତରପ୍ରଦେଶର ମିରଟ ଏବଂ ଆନ୍ଧ୍ରପ୍ରଦେଶର ଅଚ୍ୟୁତପୁରମ୍ ଇ.ଏସ୍.ଆଇ.ସି. ହସ୍ପିଟାଲ୍‌ର ଶିଳାନ୍ୟାସ କରିଛନ୍ତି ।

ପ୍ରଧାନମନ୍ତ୍ରୀ ୟୁ-ୱିନ୍ ପୋର୍ଟାଲ୍‌ର ମଧ୍ୟ ଆଜି ଶୁଭାରମ୍ଭ କରିଛନ୍ତି । ଏଥିରେ ଗର୍ଭବତୀ ମହିଳା ଓ ଶିଶୁମାନେ ସମ୍ପୂର୍ଣ୍ଣ ଡିଜିଟାଲ୍ ପ୍ରକ୍ରିୟାରେ ଟିକାକରଣ ସୁବିଧା ପାଇପାରିବେ । ଏହାଛଡ଼ା ସ୍ୱାସ୍ଥ୍ୟସେବା ପାଇଁ ପ୍ରଧାନମନ୍ତ୍ରୀ ଅନ୍ୟ ଏକ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି । ଏଥିରେ ସମସ୍ତ ସ୍ୱାସ୍ଥ୍ୟସେବା ଯୋଗାଉଥିବା ପ୍ରତିଷ୍ଠାନ ଓ ସେଥିରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ପ୍ରଦାନକାରୀଙ୍କ ତାଲିକା ରହିବ ।

ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ଭୁବନେଶ୍ୱରର ଗୋଠ ପାଟଣାରେ ଏକ କେନ୍ଦ୍ରୀୟ ଔଷଧ ପରୀକ୍ଷାଗାରକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି ।

# ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ଜରିଆରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂସ୍ଥା ଗୁଡ଼ିକରେ ନିଯୁକ୍ତି ପାଇଁ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି । ଏହି ନବନିଯୁକ୍ତମାନଙ୍କୁ ଦେଶବ୍ୟାପୀ ୪୦ଟି ସ୍ଥାନରେ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି ।

ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଯୁବାବର୍ଗଙ୍କୁ ସ୍ଥାୟୀ କର୍ମନିଯୁକ୍ତି ପ୍ରଦାନ କରିବା ଜାରି ରହିଛି । ଦେଶର ଯୁବବର୍ଗଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବା ଲାଗି ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ଆଜି କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ନିଯୁକ୍ତି ପାଇଥିବା ଯୁବାବର୍ଗଙ୍କୁ କର୍ମଯୋଗୀ ପ୍ରାରମ୍ଭ ଅନ୍‌ଲାଇନ୍ ମୋଡ୍ୟୁଲ୍ ମାଧ୍ୟମରେ ପ୍ରଶିକ୍ଷଣ ଯୋଗାଇ ଦିଆଯିବ । ସେମାନଙ୍କ ନିମନ୍ତେ ଏକହଜାର ୪୦୦ ଇ-ଲର୍ଣ୍ଣିଂ ବିଷୟବସ୍ତୁ ମଧ୍ୟ ଉପଲବ୍ଧ କରାଯାଇଛି । ବିକଶିତ ଭାରତ ଗଠନ ଦିଗରେ ନବନିଯୁକ୍ତଙ୍କୁ ଆବଶ୍ୟକୀୟ ଦକ୍ଷତା ପ୍ରଦାନ କରିବା ଲକ୍ଷ୍ୟରେ ଏହା ସହାୟକ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ରନ୍ ଫର ୟୁନିଟ୍

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ସକଳେ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ନ୍ୟାସନାଲ ଷ୍ଟାଡିୟମଠାରେ ରନ୍ ଫର୍ ୟୁନିଟିର ଶୁଭାରମ୍ଭ କରିଛନ୍ତି । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀଙ୍କୁ ସ୍ମରଣ କରି ଆଜି ଏହି ଦିବସ ପାଳନ କରାଯାଉଛି । ୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜନ୍ମଗ୍ରହଣ କରିଥିଲେ । ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଏକତା ଦୌଡ଼ କେବଳ ଦେଶର

ଏକତାକୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ନୁହେଁ ବରଂ ଏହା ବିକଶିତ ଭାରତ ଗଠନ ପାଇଁ ମଧ୍ୟ ସଂକଳ୍ପ ଜାଗରଣ କରିଛି ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନକୁ ସ୍ମରଣ କରି ଶ୍ରୀ ଶାହା କହିଛନ୍ତି ସଂଗଠିତ ଭାରତ ସ୍ଥାପନ ନିମନ୍ତେ ବିଭିନ୍ନ ରାଜ୍ୟଗୁଡ଼ିକୁ ଏକତା ସୂତ୍ରରେ ବାନ୍ଧିରଖିବା ଲାଗି ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଭାରତ ରତ୍ନ ଉପାଧିରେ ଭୂଷିତ କରିବା ଲାଗି ହୋଇଥିବା ବିଳମ୍ବ ସମ୍ପର୍କରେ ମତାମତ ଦେଇ ଶ୍ରୀ ଶାହା କହିଛନ୍ତି ଦୀର୍ଘବର୍ଷ ଧରି ସର୍ଦ୍ଦାର ପଟେଲଙ୍କୁ ଭୁଲିଯିବା ଲାଗି ଏହା ଏକ ଦୁର୍ଭାଗ୍ୟଜନକ ପଦକ୍ଷେପ ଥିଲା । ସର୍ଦ୍ଦାର ପଟେଲଙ୍କୁ ଆଜୀବନ ଦେଶବାସୀ ମନେରଖିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର ସର୍ବୋଚ୍ଚ ପ୍ରତିମା ଗୁଜୁରାଟଠାରେ ତାଙ୍କର ସ୍ଥାପନ କରିଥିଲେ ।

ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଦେଶର ଏକତା ଓ ସଂହତିକୁ ବଜାୟ ରଖିବା ଲାଗି 'ୟୁନିଟ୍ ଫର ରନ୍'ର ଆୟୋଜନ କରାଯାଇଛି । ଦୀପାବଳୀ ପର୍ବ ଯୋଗୁଁ ଗୁରୁବାର ଏହି ଦିବସକୁ ପାଳନ କରାନଯାଇ କେନ୍ଦ୍ର ସରକାର ଆଜି ପଟେଲଙ୍କ ଜୟନ୍ତୀ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବୀୟ, ମନୋହରଲାଲ, ନିତ୍ୟାନନ୍ଦ ରାୟ, ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସକ୍ସେନା ଏହି ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣ କରିଥିଲେ । ଏକତା ଦୌଡ଼ରେ ୮ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ ।

# ଜେକେ ଟେରୋରିଷ୍ଟ କିଲ୍ଡ

ଜାମ୍ମୁ କାଶ୍ମୀରର ଅଖନୋର ସେକ୍ଟର ବନାଞ୍ଚଳରେ ସୁରକ୍ଷା ବାହିନୀର ଜବାନମାନଙ୍କ ଗୁଳିରେ ଆଜି ୨ଜଣ ସନ୍ତ୍ରାସବାଦୀ ନିହତ ହୋଇଛନ୍ତି । ନିୟନ୍ତ୍ରଣ ରେଖା ନିକଟରେ ଦୀର୍ଘସମୟ ଧରି ଦୁଇପକ୍ଷ ମଧ୍ୟରେ ଗୁଳି ବିନିମୟ ଚାଲିଥିଲା । ସୂଚନାଯୋଗ୍ୟ ଗତକାଲି ସକାଳେ ସେନାବାହିନୀର ଏକ ଗାଡ଼ି ଉପରକୁ ସନ୍ତ୍ରାସବାଦୀମାନେ ଗୁଳିଚାଳନା କରିଥିଲେ । ସ୍ୱତନ୍ତ୍ର ବାହିନୀ ଏବଂ ଏନ୍‌ଏସ୍‌ଜି କମାଣ୍ଡୋମାନଙ୍କ ଦ୍ୱାରା ସେହି ଅଞ୍ଚଳକୁ ଘେରାଉ କରାଯାଇ ଯାଞ୍ଚ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା । ଗତକାଲି ସଂଧ୍ୟାରେ ସ୍ୱତନ୍ତ୍ର ବାହିନୀର ଜବାନ ଏବଂ ଏନ୍‌ଏସ୍‌ଜି କମାଣ୍ଡାଙ୍କ ଗୁଳିଚାଳନାରେ ଜଣେ ସନ୍ତ୍ରାସବାଦୀ ନିହତ ହୋଇଥିଲା । ଅଖନୋର ସେକ୍ଟରର ବାଟାଲ-ଖୋର ଅଞ୍ଚଳରେ ଆଜି ସେନା ଏବଂ ପୋଲିସର ମିଳିତ କାର୍ଯ୍ୟାନୁଷ୍ଠାନରେ ଦୁଇଜଣ ସନ୍ତ୍ରାସବାଦୀ ନିହତ ହୋଇଥିବା ସୂଚନା ମିଳିଛି । ସନ୍ଦିଗ୍ଧ ସନ୍ତ୍ରାସବାଦୀମାନେ ରବିବାର ରାତିରେ ଅନୁପ୍ରବେଶ କରିଥିବା ଜଣାଯାଇଛି ।

# ଝାଡ଼ଖଣ୍ଡ-ନୋମିନେସନ

ଝାଡ଼ଖଣ୍ଡ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଆଜି ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶେଷ ହେଉଛି । ପ୍ରାର୍ଥୀମାନେ ଅପରାହ୍ଣ ୩ଟା

ପର୍ଯ୍ୟନ୍ତ ସେମାନଙ୍କର ମନୋନୟନ ପତ୍ର ଦାଖଲ କରିପାରିବେ । ଏହି ପର୍ଯ୍ୟାୟରେ ଆସନ୍ତା ମାସ ୨୦ ତାରିଖରେ ୩୮ଟି ଆସନ ନିମନ୍ତେ ମତଗ୍ରହଣ ଅନୁଷ୍ଠିତ ହେବ । ଏ ପର୍ଯ୍ୟନ୍ତ ୬୩୨ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିସାରିଛନ୍ତି । ଆସନ୍ତାକାଲି ପ୍ରାର୍ଥୀପତ୍ର ଗୁଡ଼ିକର ଯାଞ୍ଚ ହେବାକୁ ଥିବା ବେଳେ ନଭେମ୍ବର ୧ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ ।

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନିମନ୍ତେ ଘୋଷଣା ହେବା ପରେ ୮୬ କୋଟି ୩୨ ଲକ୍ଷରୁ ଅଧିକ ଟଙ୍କା ସମେତ ବିଭିନ୍ନ ବେଆଇନ ସାମଗ୍ରୀ ଜବତ କରାଯାଇଛି । ନିର୍ବାଚନ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗରେ ଏ ପର୍ଯ୍ୟନ୍ତ ୨୦ଟି ମାମଲା ଦାଏର କରାଯାଇଥିବା ସୂଚନା ମିଳିଛି ।

## ପିଏମ୍ ଧନତେରାସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଧନ୍ୱନ୍ତରୀ ଜୟନ୍ତୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ପ୍ରଭୁ ଧନ୍ୱନ୍ତରୀଙ୍କ ଆଶୀର୍ବାଦରେ ସମସ୍ତଙ୍କର ଜୀବନରେ ସୁଖ, ସମୃଦ୍ଧି ଭରି ହେଉ ବୋଲି କହିଛନ୍ତି ।

ପ୍ରଧାନମନ୍ତ୍ରୀ ଆର୍ୟୁବେଦ ଦିବସରେ ମଧ୍ୟ ଆଜି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି

ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ଲାଗି ଆର୍ୟୁର୍ବେଦ ସର୍ବଦା ଉପକାରୀ ରହିବ ।

## ପିଏମ୍-ଓରାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଦିବାସୀ ନେତା କାର୍ତ୍ତିକ ଓରାନଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ଓରାନଙ୍କୁ ଏକ ବିଶିଷ୍ଟ ନେତା ସମ୍ବୋଧନ କରି ପ୍ରଶଂସା କରିଛନ୍ତି । ଆଦିବାସୀ ସମ୍ପ୍ରଦାୟ ଲୋକଙ୍କୁ ଅଧିକାର ପ୍ରଦାନ କରିବା ଦିଗରେ ଓରାନ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଇଣ୍ଡିଆ-ପାଲେଷ୍ଟାଇନ୍

ଭାରତ’ ପାଲେଷ୍ଟାଇନକୁ ମାନବିକ ସହାୟତାର ଅଂଶସ୍ୱରୂପ ଦ୍ୱିତୀୟ ପର୍ଯ୍ୟାୟରେ ୩୦ଟନ୍ ଔଷଧୀୟ ସାମଗ୍ରୀ ପ୍ରେରଣ କରିଛି । ଏହି ଔଷଧୀୟ ସାମଗ୍ରୀରେ କର୍କଟମୁକ୍ତ ଔଷଧ ଏବଂ ଜୀବନ ରକ୍ଷାକାରୀ ଔଷଧ ରହିଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବୈଦେଶିକ ବ୍ୟାପାର ମୁଖପାତ୍ର ରଣଧୀର ଜୟସ୍ୱାଲ ଆଜି କହିଛନ୍ତି ପାଲେଷ୍ଟାଇନ୍‌କୁ ଭାରତର ସହାୟତା ଜାରି ରହିଛି । ଇତିମଧ୍ୟରେ ପାଲେଷ୍ଟାଇନ୍‌କୁ ୩୦ଟନ୍ ଔଷଧ ସାମଗ୍ରୀ

ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି । ଭାରତ ଚଳିତମାସ ୨୨ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୩୦ଟନ୍ ଔଷଧୀୟ ସାମଗ୍ରୀ ଏବଂ ଖାଦ୍ୟ ସାମଗ୍ରୀ ପଠାଇଥିଲା । ଜାତିସଂଘ ରିଲିଫ ଏବଂ ଓାର୍କ୍ସ ଏଜେନ୍ସୀ ଜରିଆରେ ଏହି ସହାୟତା ପାଲେଷ୍ଟାଇନ ଶରଣାର୍ଥୀମାନଙ୍କୁ ଯୋଗାଇ ଦିଆଯାଉଛି ।

## ଭାରତ-ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍

ମହିଳା କ୍ରିକେଟ୍‌ରେ ତୃତୀୟ ତଥା ଅନ୍ତିମ ଏକଦିବସୀୟ ଆନ୍ତର୍ଜାତିକ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳ ଜାରି ରହିଛି । ନ୍ୟୁଜିଲାଣ୍ଡ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରିଛି ।

ତିନି ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାରେ ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ଥିତିରେ ରହିଥିବା ବେଳେ ଆଜିର ମ୍ୟାଚ୍‌ରେ ହରମନ ପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ବିଜୟ ହାସଲ ଲାଗି ଚେଷ୍ଟା କରିବ । ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ବିଜୟ ହାସଲ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୭୬ରନ୍‌ରେ ଭାରତକୁ ପରାସ୍ତ କରିଥିଲା ।